# ବ୍ରିଟିଶ୍ ଗ୍ରାଁପ୍ରି’ରେ ହାମିଲଟନ୍‌ଙ୍କୁ ପୋଲ୍ ପୋଜିସନ୍




**ସିଲ୍‌ଭରଷ୍ଟୋନ୍, ୧।୮/ଏଜେନ୍ସି:** ରବିବାର ଏଠାରେ ବ୍ରିଟିଶ୍ ଗ୍ରାଁପ୍ରି’ର ଫାଇନାଲ୍ ରେସ୍ ହେବାକୁ ଥିବା ବେଳେ ଏଥିରେ ୬ ଥରର ଫର୍ମୁଲା ୱାନ୍ ବିଶ୍ୱ ଚାମ୍ପିଅନ୍ ଲୁଇସ୍ ହାମିଲଟନ୍ ପୋଲ୍ ପୋଜିସନ୍‌ରୁ ଆରମ୍ଭ କରିବେ। ମର୍ସିଡିଜ୍‌ର ଏହି ବ୍ରିଟିଶ୍ ଚାଳକ ଜଣକ ଶନିବାରର ବୃତ୍ତାନ୍ତ ଅଭ୍ୟାସ ରେସ୍‌ରେ ରେକର୍ଡ ସମୟ ସହ ସବୁଠାରୁ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ୩୫ ବର୍ଷୀୟ ହାମିଲଟନ୍ ଏଠାରେ ରେକର୍ଡ ସପ୍ତମ ଥର ପାଇଁ ଚାମ୍ପିଅନ୍ ହେବାକୁ ଆଶା ରଖିଥିବା ବେଳେ ଶନିବାରର ବୃତ୍ତାନ୍ତ ଅଭ୍ୟାସ ରେସ୍‌ରେ ତାଙ୍କ ଦଳୀୟ ସାଥୀ ତଥା ଫିନଲ୍ୟାଣ୍ଡ୍ ଡ୍ରାଇଭର୍ ଭାଲଟେରୀ ବୋଟାସ୍ ଓ ରେଡ୍ ବୁଲ୍‌ର ମ୍ୟାକ୍ସ ଭେର୍ଷ୍ଟାପେନ୍ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଏଠରେ ପୋଲ୍ ପୋଜିସନ୍ ହାସଲ କରିବା ପରେ ହାମିଲଟନ୍ ତାଙ୍କ କ୍ୟାରିୟର୍‌ରେ ୯୧ତମ ଥର ପାଇଁ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ଫରାରିର ଚାର୍ଲସ ଲେକ୍‌ଲର୍କ, ମ୍ୟାକ୍‌ଲରେନ୍‌ର ଲାଣ୍ଡୋ ନୋରିସ୍, ରେସିଂ ପଏଣ୍ଟର ଲାନ୍ସ ଷ୍ଟ୍ରୋଲ୍, ମ୍ୟାକ୍‌ଲରେନ୍‌ର କାର୍ଲୋସ୍ ସେଞ୍ଜ୍ ଜୁନିୟର୍, ରିନଲ୍ଟର ଡାନିଏଲ୍ ରିକିଆର୍ଡୋ, ତାଙ୍କ ଦଳୀୟ ସାଥୀ ଇଷ୍ଟେବାନ୍ ଓକୋନ୍ ଓ ଫରାରିର ସେବାଷ୍ଟିଆନ୍ ଭେଟ୍ଟେଲ୍ ଚତୁର୍ଥରୁ ଦଶମ ମଧ୍ୟରେ ରହିଥିଲେ।

ନିତିଦିନ NITIDIN
Sun, Aug 2, 2020
http://odishanewsnitidin.com